## ସଂକ୍ଷେପରେ

### କୋଭିଡ୍ ନିୟମ ଅନୁଯାୟୀ ମସ୍‌ଜିଦ୍‌ରେ ନମାଜ ପାଠ

ବନ୍ତ, ୧।୮(ଡି.ଏନ୍.ଏ.)-ଶନିବାର ଇଦ୍-ଉଜ୍-ଜୁହା ଉପଲକ୍ଷେ ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ମସଜିଦ୍‌ରେ କୋଭିଡ୍ ନିୟମ ଅନୁଯାୟୀ ନମାଜ ପାଠ କରାଯାଇଛି । ପ୍ରତ୍ୟେକ ମସ୍‌ଜିଦ୍‌ରେ ସାମାଜିକ ଦୂରତା ରକ୍ଷା କରାଯାଇ ୫ଜଣ ମୁସଲମାନ ଭାଇ ନମାଜ ପାଠ କରିଥିଲେ। ମାଳତୀରା ଇଦଘାଠାରେ ମୌଲାନା ଜୁଲ୍ ଫିକର ଅଲ୍ଲୀ ନମାଜପାଠ କରାଇଥିଲେ । କାଜିମହଲା ତରାପୁର ଜମାତ୍ ଐଲେ ହଦିସ୍‌ଠାରେ ମୌଲବୀ ତାହା ସହୀଦ୍ ଖାଲିଦ୍ ନମାଜ ପାଠ କରାଇଥିଲେ। ସେହିପରି ପଠାଣ ମହଲା, ବନ୍ତ ମସଜିଦ୍‌ରେ ନମାଜ ପାଠ ହୋଇଯାଇଛି। ଏହା ବ୍ୟତୀତ ଗ୍ରାମର ଅନ୍ୟ ସମସ୍ତ ମୁସଲମାନ ଭାଇଭଉଣୀମାନେ ଘରେ ନମାଜ ପାଠ କରିଥିବା ଜଣାଯାଇଛି ।

### ଠିକା କର୍ମଚାରୀଙ୍କ ଧାରଣା

ବାସୁଦେବପୁର, ୧।୮(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୩ ୱାର୍ଡ଼କୁ ସ୍ୱଚ୍ଛ ଭାରତ ଯୋଜନାରେ ଚୁକ୍ତିବଦ୍ଧ ହୋଇ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ୩୦ରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀମାନେ ଶନିବାର ପୌର କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିଲେ। ସେମାନେ ଦୈନିକ କାର୍ଯ୍ୟରେ ନିୟୋଜିତ ରହି କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ଗତ ୨ମାସ ଧରି ସେମାନେ ପ୍ରାପ୍ୟ ପାଉ ନାହାନ୍ତି। ଫଳରେ ସେମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କର ଦାବି ପ୍ରତି ଗୁରୁତ୍ୱ ଦିଆଯିବ ଓ ଏହି ଠିକା କର୍ମଚାରୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ଏନ୍‌ଜିଓ ସହ ଏଦିଗରେ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

### ଜଗନ୍ନାଥ ମନ୍ଦିର ଉନ୍ନତୀକରଣ ଲାଗି ଚିଠି ଲେଖିଲେ ବିଧାୟକ

ସଜନାଗଡ଼,୧।୮(ଡି.ଏନ୍.ଏ.)- ଓଡ଼ିଶାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରର ଉନ୍ନତିକରଣ ପାଇଁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓଡ଼ିଶାର ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଜଗନ୍ନାଥ ମନ୍ଦିର ଭୋଗମଣ୍ଡପ, ମା'ଲକ୍ଷ୍ମୀ ମନ୍ଦିର, ଫୁଟୱାସିଂ ପଏଣ୍ଟ ପାଇଁ ଆର୍ଥିକ ସହାୟତା ୫୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବାକୁ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ନୀଳଗିରି ଜଗନ୍ନାଥ ମନ୍ଦିରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହେବ ବୋଲି ବିଧାୟକ ଆଶା ରଖିଛନ୍ତି।

### ଆନନ୍ଦପୁର ପୌର ପରିଷଦ କଣ୍ଟେନ୍‌ମେଣ୍ଟ

ଆନନ୍ଦପୁର,୧।୮ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜୁଲାଇ ୨୨ ତାରିଖରେ ପ୍ରଥମ ଥର ପାଇଁ ୩ ପଜିଟିଭ୍ ଚିହ୍ନଟ ହୋଇଥିଲା। ଧୀରେ ଧୀରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୭୦ରେ ପହଞ୍ଚିଲାଣି। ତେବେ ଏହି ଆକ୍ରାନ୍ତମାନେ ଲୋକାଲ କେସ୍ ହୋଇଥିବାରୁ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବୃଦ୍ଧି ପାଉଥିବା ସଂକ୍ରମଣ ସଂଖ୍ୟାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଜୁଲାଇ ୨୭ ତାରିଖରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଶଟ୍‌ଡାଉନ୍ ଘୋଷଣା କରାଯାଇଥିଲା। କିନ୍ତୁ ପୌରପରିଷଦରେ ସଂକ୍ରମଣ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖାଯାଇ ଏବେ ଏହାକୁ ଅଗଷ୍ଟ ୮ ତାରିଖ ମଧରାତ୍ର ପର୍ଯ୍ୟନ୍ତ ଲାଗୁ କରାଯାଇଛି। ପୌରପରିଷଦର ବିଭିନ୍ନ ୱାର୍ଡକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

# 'କହିବା ଆଗରୁ ବୁଝିଯାଏ ମନ କଥା'

**ବନ୍ଧୁତ୍ୱ ଦିବସ ଆଜି**

(ରଞ୍ଜନ କୁମାର ପ୍ରଧାନ)
ବାରିପଦା ଅଫିସ,୧।୮

'ଫ୍ରେଣ୍ଡ ଇଜ୍ ନିଡ୍ ଇଜ୍ ଏ ଫ୍ରେଣ୍ଡ ଇନ୍‌ଡିଡ୍'। ଇଂଲିଶରେ ଥିବା ଏହି ବାକ୍ୟର ଅର୍ଥ ବିପଦ ବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ। ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ରବିବାରକୁ ଫ୍ରେଣ୍ଡଶିପ୍ ଡେ' (ବନ୍ଧୁତ୍ୱ ଦିବସ) ଭାବେ ପାଳନ କରାଯାଇଆସୁଛି। ଏହିଦିନ ନିଜର ପ୍ରିୟ ସାଙ୍ଗ ହାତରେ ଫେଣ୍ଡଶିପ୍ ବ୍ୟାଣ୍ଡ ବାନ୍ଧି ସମୟ ବିତାଇବା ସତରେ ନିଆରା। ରବିବାର ଛୁଟି ଦିନରେ ଏହି ଦିବସ ପାଳିତ ହେଉଥିବାରୁ ଏହା ବନ୍ଧୁମାନଙ୍କ ଖୁସିକୁ ଦ୍ୱିଗୁଣିତ କରିଥାଏ। ଚଳିତବର୍ଷ କରୋନା ମହାମାରୀ ଯୋଗୁ ଏହା କିଛି ମାତ୍ରାରେ ଫିକା ପଡ଼ିବ। ବନ୍ଧୁତ୍ୱର ପରିଭାଷା ସମ୍ପର୍କରେ ଯାହା କୁହନ୍ତି ବାରିପଦା ସହରର ଯୁବପିଢ଼ି ।

**ପ୍ରକୃତ ବନ୍ଧୁଟିଏ ମିଳିବା ସହଜ ନୁହେଁ**



ଦୁନିଆରେ ବନ୍ଧୁତ୍ୱ ସବୁଠାରୁ ମୂଲ୍ୟବାନ ସମ୍ପର୍କ। ତାହା କେବେ ବି ମଉଳି ଯାଏନାହିଁ। ବନ୍ଧୁ ବିନା ଜୀବନ ଏକରକମ ଅଧୁରା ଅନୁଭବ ହୋଇଥାଏ। ସେଥିପାଇଁ ତ ବନ୍ଧୁଙ୍କୁ ଜୀବନରେ ଅଭିନ୍ନ ଅଙ୍ଗ ବୋଲି ମଧ କୁହାଯାଏ। ଜୀବନର ପ୍ରତିଟି ମୋଡ଼ରେ ନୂଆ ନୂଆ ବନ୍ଧୁଙ୍କ ସହିତ ଭେଟ ହୋଇଥାଏ। ସେମାନେ ଆମ ହୃଦୟରେ ସ୍ୱତନ୍ତ୍ର ସ୍ଥାନଟିଏ ସୃଷ୍ଟି କରିବା ସହିତ ଜୀବନରେ ଯୋଡ଼ି ହୋଇରୁହନ୍ତି। ବର୍ତ୍ତମାନ ସୋସିଆଲ ମିଡିଆ ମାଧମରେ ଅନେକ ବନ୍ଧୁ ତ ମିଳିଯାଆନ୍ତି କିନ୍ତୁ ଜୀବନରେ ପ୍ରକୃତ ବନ୍ଧୁଟିଏ ମିଳିବା ସହଜ ନୁହେଁ। -ସୁବ୍ରତ ମୁଖୀ, ବାରିପଦା

**ଭଲ ବନ୍ଧୁ ହିଁ ମାର୍ଗଦର୍ଶକ**



ଜଣେ ଭଲ ବନ୍ଧୁ ସବୁବେଳେ ଅନ୍ୟବନ୍ଧୁଙ୍କ ପାଇଁ ମାଗଦର୍ଶକ ହୋଇଥାଏ। ସୁଖ, ଦୁଃଖ ଓ ଜୀବନର ସବୁ ସମୟରେ ଛାଇପରି ପାଖରେ ଛିଡ଼ା ହୋଇଥାଏ। ଦୁନିଆରେ ବାପା, ମା , ଭାଇ,ଭଉଣୀ,ସ୍ୱାମୀ-ସ୍ତ୍ରୀ ସମ୍ପର୍କ ପରେ କୌଣସି ରକ୍ତଗତ ସମ୍ପର୍କ ନ ଥାଇ ମଧ ବନ୍ଧୁତା ଦୁନିଆର ସବୁଠାରୁ ପବିତ୍ର । -ଦେବବ୍ରତ ଦେ, ବାରିପଦା

**ବିଶ୍ୱାସକୁ ନେଇ ବାଟ ଚାଲେ**



ବନ୍ଧନୀମୁକ୍ତ ସମ୍ପର୍କ ହିଁ ବନ୍ଧୁତା। କିଛି କହିବା ଆଗରୁ ଯଦି ସେ ବୁଝିଗଲା ତେବେ ସେ ହିଁ ପ୍ରକୃତ ବନ୍ଧୁ। ବନ୍ଧୁତା ବିଶ୍ୱାସକୁ ନେଇ ବାଟ ଚାଲିଥାଏ। ପରିବାର, ସମ୍ପର୍କୀୟଙ୍କଠାରୁ ବନ୍ଧୁର ସମ୍ପର୍କ ଅଲଗା। ଏମାନଙ୍କ ସହ ତୁମେ ସୁଖ ଦୁଃଖ ସବୁ କିଛି ବାଣ୍ଟିପାରିବ। ଭଲମନ, ସୁସ୍ଥ ସମାଜ ଗଠନର ଉଦ୍ଦେଶ୍ୟ ସାଧନରେ ଜଣେ ବନ୍ଧୁ ହିଁ ସହାୟକ ହୁଏ। - ମଧୁସ୍ମିତା ପାଣି

**ଭଲ ରାସ୍ତା ଦେଖାଏ**



ବନ୍ଧୁମାନେ ସବୁବେଳେ ସମସ୍ତଙ୍କୁ ସହଯୋଗ କରନ୍ତି ଓ ପ୍ରେରଣା ଦିଅନ୍ତି। ସୁଖଦୁଃଖରେ ତୁମ ପାଖରେ ଛିଡ଼ା ହୁଅନ୍ତି। ବନ୍ଧୁ ହିଁ ବନ୍ଧୁକୁ ସତ୍ ପରାମର୍ଶ ଦିଏ, ଭଲ ରାସ୍ତା ଦେଖାଏ। ନିର୍ମଳ ହୃଦୟ ହୋଇ ପରସ୍ପରକୁ ଭଲପାଇବା ହେଉଛି ପ୍ରକୃତ ବନ୍ଧୁତା। -ପ୍ରିୟଙ୍କା ପୃଷ୍ଟି

# କଏଦୀଙ୍କ ସ୍ୱାବ୍ ସଂଗ୍ରହ ଲାଗି ଲେଖିଲେ ସବ୍‌ଜେଲର

ଜଳେଶ୍ୱର, ୧।୮(ସ୍ୱ.ପ୍ର.)

କରୋନା ଲକ୍ଷଣ ପ୍ରକାଶ ପାଇ ନ ଥିଲେ ମଧ ବାଲେଶ୍ୱର ଜିଲାର ଜଳେଶ୍ୱର ସବ୍‌ଜେଲ୍‌ରେ ରହୁଥିବା କଏଦୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣି ହେଉନାହିଁ। ସେମାନଙ୍କଠାରୁ ସ୍ୱାବ ସଂଗ୍ରହ କରିବା ଲାଗି ଜଳେଶ୍ୱର ସବ୍‌ଜେଲର ଅନୁସୂୟା ଷଡ଼ଙ୍ଗୀ ଶନିବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇଛନ୍ତି । ଏହାପୂର୍ବରୁ ସତର୍କତା ମୂଳକ କେତେକ ପଦକ୍ଷେପ ସବ୍‌ଜେଲର ନେଇଥିବା ଜଣାଯାଇଛି। ସବ୍‌ଜେଲ୍ ଭିତରେ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଅନ୍ତେବାସୀଙ୍କ ଲାଗି ସାବୁନ୍ ଓ ମାସ୍କର ବ୍ୟବସ୍ଥା କରାଯାଇଛି। ଏପରିକି ନୂତନ ଭାବେ ଆସୁଥିବା କଏଦୀମାନଙ୍କୁ ସ୍ୱତନ୍ତ୍ର ଅଲଗା ୨ଟି କୋଠରୀରେ ୧୪ଦିନ ସଙ୍ଗରୋଧରେ ରହିବା ବ୍ୟବସ୍ଥା ହୋଇଛି । ଲକ୍ଷଣ ନ ଥିଲେ ସେମାନଙ୍କୁ ଅନ୍ୟମାନଙ୍କ ସହିତ ମିଶିବାର ସୁଯୋଗ ଦିଆଯାଉଛି । ନିର୍ଦ୍ଧାରିତ ସମୟରେ ସବ୍‌ଜେଲ୍‌କୁ ଦମକଳବାହିନୀ ଦ୍ୱାରା ବିଶୋଧନ କରାଯାଉଛି । ବିଚାରାଧୀନ କଏଦୀମାନଙ୍କ ଶୁଣାଣି ଦିନ ଅନ୍ତେବାସୀଙ୍କୁ ଭିଡିଓ କନ୍‌ଫରେନ୍ସିଂ ଦ୍ୱାରା କୋର୍ଟରେ ହାଜର କରାଯାଉଛି। କୌଣସି ସମ୍ପର୍କୀୟ ବ୍ୟକ୍ତି ସାକ୍ଷାତ୍ କରିବାକୁ ଆସିଲେ କେବଳ ଫୋନ ମାଧମରେ କଥାବାର୍ତ୍ତା ହେବାର ସୁଯୋଗ ଦିଆଯାଉଛି । ମୋଟ ୩୮ଜଣ କଏଦୀ ସବ୍‌ଜେଲ୍‌ରେ ରହୁଥିବା ବେଳେ ୫ଜଣ ନୂତନ କଏଦୀଙ୍କୁ ୨ଟି ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବାର ସେ ସୂଚନା ଦେଇଛନ୍ତି ।

# ବାଲେଶ୍ୱରରେ କରୋନା ପଜିଟିଭ ୧୦୦୦ ଛୁଇଁଲା

**ସାପ୍ତାହିକ ୨ଦିନିଆ ଶଟ୍‌ଡାଉନ ଜାରି**

ବାଲେଶ୍ୱର ଅଫିସ, ୧।୮

ବାଲେଶ୍ୱର ଜିଲାରେ ଶନିବାର ଆଉ ୨୯ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୬ଜଣ କ୍ୱାରାଣ୍ଟାଇନ୍‌ରେ ଥିବା ବେଳେ ୨୩ଜଣ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧ହଜାର ଛୁଇଁଛି। ସେଥିମଧ୍ୟରୁ ୭୧୭ ସୁସ୍ଥ ହୋଇ ଫେରିଥିବା ବେଳେ ୨୭୭ ଜଣ ଚିକିତ୍ସାଧୀନ ଅଛନ୍ତି। ୩ଜଣଙ୍କର କରୋନା ମୃତ୍ୟୁ ଘଟିଛି। ଅନ୍ୟ ରୋଗରେ ପୀଡ଼ିତ ହୋଇ ଆଉ ୩ ଜଣଙ୍କର ମୃତ୍ୟୁ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଲୋକାଲ କେସ୍ ଅଧିକ ରହୁଥିବା ଲକ୍ଷ୍ୟ କରାଯାଇଛି। ଏହାକୁ ନଜରରେ ରଖି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଗଷ୍ଟ ମାସରେ ସପ୍ତାହନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ପୂର୍ବଭଳି ଅଗଷ୍ଟ ମାସର ପ୍ରତି ଶନିବାର ଓ ରବିବାର ଶଟ୍‌ଡାଉନ ଜାରି ରହିବା ସହିତ ପ୍ରତ୍ୟହ ରାତି ୯ଟାରୁ ପୂର୍ବାହ୍ନ ୫ଟା ଯାଏ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିବ।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ସଚ୍ଚିଦାନନ୍ଦ

ଭଦ୍ରକ ଅଫିସ, ୧।୮



ସଚ୍ଚିଦାନନ୍ଦଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଏମ୍‌ପି, ପୂର୍ବତନ ବିଧାୟକ ଓ ଅନ୍ୟମାନେ।

ସମାଜବାଦୀ, ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଭଦ୍ରକ ସହର ଅନ୍ତର୍ଗତ କୁଆଁସଠାରେ କୋଭିଡ ନିୟମ ଅନୁଯାୟୀ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ସାଳନ୍ଦୀ ଘାଟରେ ତିଳତର୍ପଣ ଓ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଝରଣା ଦାସ, ଅଧୀକ୍ଷକ ହୃଷିକେଶ ମହାନ୍ତି, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଭଦ୍ରକ ଓକିଲ ସଂଘ ପକ୍ଷରୁ ସଭା ଗୃହରେ ଥିବା ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତିଙ୍କର ତୈଳ ଫଟୋଚିତ୍ରରେ ଜିଲା ଜଜ୍ ଶିଶିର କୁମାର ରଥ ମାଲ୍ୟାର୍ପଣ କରିଥିଲେ। ଓକିଲ ସଂଘର ଅନ୍ତରୀଣ ଅଧକ୍ଷ ଜିତେନ୍ଦ୍ର ଦାସ, ପୂର୍ବତନ ଓକିଲ ସଂଘ ସଭାପତି ବିଷ୍ଣୁମୋହନ ମହାପାତ୍ର, ଅନ୍ତରୀଣ କମିଟି ସମ୍ପାଦକ ସନ୍ତୋଷ ନାୟକ, କୋଷାଧକ୍ଷ ବିଜନ ଜେନାଙ୍କ ସମେତ ଆଇନଜୀବୀମାନେ ସଚ୍ଚି ବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଭଦ୍ରକର କୁଆଁସଠାରେ ଥିବା ସଚ୍ଚିଦାନନ୍ଦ ମହାନ୍ତିଙ୍କ ସମାଧି ପୀଠରେ ଜିଲା ସ୍ମୃତି କମିଟି ପକ୍ଷରୁ ଅମର ନାୟକଙ୍କ ପୌରୋହିତ୍ୟରେ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିରୋଧୀ ଦଳ ଉପନେତା ବିଧାୟକ ବିଷ୍ଣୁ ସେଠୀ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସାମାଜିକ କର୍ମୀ ଲଲାଟେନ୍ଦୁ ମହାନ୍ତି, ପ୍ରଫେସର ପ୍ରାଧାପିକା ଝରଣା ପଟ୍ଟନାୟକ, ଡ. ରାଧାରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, ଡ. ଉତ୍ପଳା ନାୟକଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ବହୁମୁଖୀ ପ୍ରତିଭା, ଜୀବନାଦର୍ଶର ବଳିଷ୍ଠ ଅବଦାନ ଉପରେ ଆଲୋକପାତ କରିଥିଲେ।

## ରାଧାକୃଷ୍ଣ ମନ୍ଦିରରେ ଝୁଲଣଯାତ୍ରା

ହାଟଡିହୀ, ୧।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଗେଡ଼ମା ପଞ୍ଚାୟତ ଜଳସରପୁର ଗ୍ରାମରେ ନବ ନିର୍ମିତ ରାଧାକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ପାଞ୍ଚଦିନ ଧରି ଚାଲିବା ସହ ଗହ୍ମା ପୂର୍ଣ୍ଣିମା ଦିନ ଉଦ୍‌ଯାପିତ ହେବ । ପୂଜକ ନିରାକାର ଦାଶ ଜୀଉଙ୍କ ପ୍ରତିମାକୁ ବାହାରକୁ ଆଣି ସପ୍ତ ତୀର୍ଥ ଜଳରେ ସ୍ନାନ କରାଇ ଦୋଳିରେ ବସାଇ ପୂଜାର୍ଚ୍ଚନା କରିଥିଲେ। ଜୀଉଙ୍କ ଶରୀରରେ କସ୍ତୁରୀ ଚନ୍ଦନ ମାଖି ଥିଲେ। କରୋନାକୁ ଆଖି ଆଗରେ ରଖି ଅଳ୍ପ ଶ୍ରଦ୍ଧାଳୁ ଆସି ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧି ଜୀଉଙ୍କୁ ଦର୍ଶନ କରିଥିଲେ । ମନ୍ଦିର ଦାୟିତ୍ୱରେ ଥିବା ଅନନ୍ତ ନାୟକ, ଅର୍ଜୁନ ଜେନା, ବଳରାମ ଧଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସ୍ମୃତି ସ୍ନିଗ୍ଧା ରାଜ୍ୟରେ ପ୍ରଥମ

ଠାକୁରମୁଣ୍ଡା,୧।୮(ଡି.ଏନ୍.ଏ.)

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ସ୍ମୃତି ସ୍ନିଗ୍ଧା ଜେନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଠାକୁରମୁଣ୍ଡା ବ୍ଲକ ଦିଗଧର ସରକାରୀ ଉ.ପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି ଜେନା ଓ ନବକିଶୋର ଜେନାଙ୍କ ଝିଅ ସ୍ମୃତି ସ୍ନିଗ୍ଧା ନିଜ ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ୬୪ ଜଣ ଛାତ୍ରୀମାନଙ୍କ ମଧ୍ୟରୁ ୫୬୦ ନମ୍ବର ରଖି ଏ ଗ୍ରେଡରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଏହି ବିଭାଗ ଦାରା ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଜିଲାକୁ ନେଇ ଜୋନ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟ ସ୍ତରରେ ମଧ ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି। ସ୍ମୃତି ପୂର୍ବରୁ ତୃତୀୟ ଶ୍ରେଣୀ, ପଞ୍ଚମ ଶ୍ରେଣୀ, ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ଓ ଏନ୍‌ଆର୍‌ଟିଏସ୍ ପରୀକ୍ଷାରେ ସଫଳତା ହାସଲ କରିଥିଲେ। ତାଙ୍କର ଏହି ସଫଳତା ଅଞ୍ଚଳ ତଥା ବିଦ୍ୟାଳୟ ପାଇଁ ଆଣି ଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ, ତଥା ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ସ୍ଥାନୀୟ ଅଞ୍ଚଳବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦୁର୍ଘଟଣାରେ ୨ ମୃତ

ପାଟଣା/କେନ୍ଦୁଝର, ୧।୮(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ପାଟଣା କେନ୍ଦୁଝର ରାସ୍ତାର କେନ୍ଦେଇପଶି ପୋଷ୍ଟ ଅଫିସ ସମ୍ମୁଖରେ ଶନିବାର ଅପରାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦେଇପଶି ବେହେରା ସାହିର ଗଙ୍ଗାଧର ବେହେରା। ପାଟଣା ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରି ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର୍ ହୋଇଯାଇଛନ୍ତି।

ସେହିପରି ସଦର ଥାନା ଅନ୍ତର୍ଗତ ଡୁମୁରିଆଠାରେ ଘର ନିକଟରେ ବସିଥିବା ସମୟରେ ଜଣେ ବୃଦ୍ଧଙ୍କୁ ଏକ ବୋଲେରୋ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଡୁମୁରିଆ ଗ୍ରାମର ଲୋଚନ ମହାକୁଡ। ଘର ପାଖ ରାସ୍ତା ପାର୍ଶ୍ୱରେ ବସିଥିବାବେଳେ ଏକ ବୋଲେରୋ ତାଙ୍କ ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସଦର ପୋଲିସ ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।

# ଚୋରି ଅଭିଯୋଗରେ ୩ ଗିରଫ

**ଟେମ୍ପୋ ସହ ଚୋରି ସାମଗ୍ରୀ ଜବତ**

ବାସୁଦେବପୁର, ୧।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହର ଇଣ୍ଡିଆ ସାହି ଗ୍ରାମର ସୁବାସ ପାଢ଼ୀଙ୍କ ଘରୁ ଚୋରି ହୋଇଥିବା ପ୍ରାୟ ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀକୁ ପୋଲିସ ଜବତ କରିଛି। ଏହି ଘଟଣାରେ ଶନିବାର ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ନାୟକାଣିଡିହୀ ଥାନା ଅଧିନ ବ୍ରଜାନନ୍ଦପୁର ଗ୍ରାମର ମନୋଜ ଜେନା(୨୫), ରାମଚନ୍ଦ୍ର ବନ୍ଧ(୩୨) ଓ ଭଗବାନ ଘଡ଼େଇ(୨୨)। ଏହି ଚୋରି ଘଟଣାରେ ପୋଲିସ ୨୩ଟି ନୂଆ ଟାୟାର, ୪୪ ବୋତଲ ମୋବିଲ ପ୍ୟାକେଟ ସହିତ ଏକ ଟେମ୍ପୋକୁ ଜବତ କରିଛି। ଉଲ୍ଲେଖଯୋଗ୍ୟ, ସୁବାସ ପାଢ଼ୀ ଜଣେ ବ୍ୟବସାୟୀ । ସହର ମଧରେ ତାଙ୍କ ଦୋକାନ ଭାଙ୍ଗିଯିବା ଫଳରେ ସେ ତାଙ୍କର ଦୋକାନ ସାମଗ୍ରୀ ଘରେ ରଖିଥିଲେ। ଏହି ଗିରଫ ଯୁବକମାନେ ଟାୟାର ଓ ମୋବିଲକୁ ଚୋରି କରି ନେଇଥିଲେ। ଏନେଇ ସୁବାସ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା(ନଂ. ୧୯୦/୨୦) ରୁଜୁ ହୋଇଥିଲା। ଏହି ଚୋରି ଘଟଣାର ଅଧିକ ତଦନ୍ତ ଚାଲୁ ରହିଛି।

# ଶଟ୍‌ଡାଉନ୍‌ରେ ଇଦ୍-ଉଜ୍-ଜୁହା ପାଳିତ

ଭଦ୍ରକ ଅଫିସ, ୧।୮



ଇଦ୍‌ଗାହାରେ ୫ ଜଣଙ୍କୁ ନେଇ ନମାଜ ପାଠ କରାଯାଉଛି।

ମୁସଲିମ ସମ୍ପ୍ରଦାୟର ତ୍ୟାଗ ଆଉ ବଳିଦାନର ପର୍ବ ହେଉଛି ଇଦ-ଉଜ୍-ଜୁହା ବା ବକ୍ରୀ ଇଦ। ଶନିବାର ଥିଲା ଏହି ପର୍ବ। ଏଥର ଇଦ-ଉଜ୍-ଜୁହା ବା ବକ୍ରୀଦ ମଧ ନିରାଡ଼ମ୍ବର ଭାବେ ପାଳନ ହୋଇଛି । କରୋନା କଟକଣା ପାଇଁ ଭଦ୍ରକ ଜିଲାରେ ଦୁଇଦିନିଆ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହି କଟକଣା ଭିତରେ ଭଦ୍ରକ ସହରର ଇଦ୍‌ଗାହ ଓ ମସଜିଦ ମାନଙ୍କରେ ମାତ୍ର ୫ ଜଣ ଲେଖାଏଁ ନମାଜ ପଢ଼ିଛନ୍ତି । ଉଭୟ ବକ୍ରୀଦ ଓ ଶଟ୍‌ଡାଉନ ପାଇଁ ଭଦ୍ରକ ଜିଲାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଇଦ୍-ଉଜ୍-ଜୁହାକୁ ବକ୍ରୀଦ ବୋଲି ମଧ କୁହାଯାଏ। ଇଦ୍ ବହୁ ଆଡ଼ମ୍ବରରେ ପାଳନ କରନ୍ତି ମୁସଲମାନ ଭଉଣୀଭାଇମାନେ। ମୁସ୍‌ଲିମ୍‌ଙ୍କର ଏହି ପର୍ବ ତିନିଦିନ ଧରି ପାଳନ ହୁଏ। ପ୍ରଥମ ଦିନରେ ନମାଜ ପାଠ ସହ କୁରବାନି କରାଯାଇଥାଏ। ଅନ୍ୟ ଦୁଇଦିନରେ କେବଳ କୁରବାନି ଦିଆଯାଏ। ସମସ୍ତ ମସ୍‌ଜିଦରେ ମଧ ସମାନ ନିୟମ ପାଳନ କରାଯାଇଛି। ଏହି ଅବସରରେ କରୋନା ମହାମାରୀକୁ ଦୂର କରିବା ପାଇଁ ମଧ ପ୍ରାର୍ଥନା କରାଯାଇଛି। ଶଟ୍‌ଡାଉନ ଓ ବକ୍ରୀଦ ପାଇଁ ଜିଲାର ବିଭିନ୍ନ ସ୍ଥାନରେ ୨୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛି। ସରକାରୀ କଟକଣା ମଧରେ ଇଦ୍ ପାଳନ କରାଯାଇଥିବାରୁ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ମୁସଲମାନ ଭଉଣୀଭାଇଙ୍କୁ ସାଧୁବାଦ ଜଣାଇଛନ୍ତି ।

**ନୋଟିସ୍**

ମୁଁ ହେମନ୍ତ କୁମାର ପଟ୍ଟନାୟକ, ବୟସ-୭୬ବର୍ଷ, ପି ୰ଚତୁର୍ଭୁଜ ପଟ୍ଟନାୟକ, ସା-୪୬୧୯/୨୧, ପୋଖରୀପୁଟ୍ ଭିଲେଜ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି-ଖୋର୍ଦ୍ଧା, ଏତଦ୍ୱାରା ସର୍ବସାଧାରଣଙ୍କ ନିମନ୍ତେ ସୂଚାଇ ଦେଉଅଛି କି ଯେ ଜିଲ୍ଲା-କେନ୍ଦୁଝର, ତହସିଲ-ଘଷିପୁରା, ସବରେଜିଷ୍ଟର ସାଇଁକୁଳ ଅଧିନ, ମୌଜା- ଜଅଁରା, ନରଦା, ଖପରାଖାଇ ଓ ସୁଡୁସୁଡିଆ ଅଧିନ ନିମ୍ନ ତଫସିଲ ବର୍ଣ୍ଣିତ ବୃତ୍ତିଗୁଡିକୁ ମୋର ପିତା ସ୍ୱର୍ଗତ ଚତୁର୍ଭୁଜ ପଟ୍ଟନାୟକଙ୍କ ନାମ ସହିତ ଅଂଶୀଦାରମାନଙ୍କ ନାମ ଉଲ୍ଲେଖ ରହିଅଛି। ତେଣୁ ଉତ୍ତରାଧିକାରୀ ସୂତ୍ରେ ପୁତ୍ର ହିସାବରେ ଉକ୍ତ ବୃତ୍ତି ପକ୍ଷେ ମୁଁ ବର୍ତ୍ତମାନ ଖାସ ଦଖଲକାର ଓ ମାଲିକ ରହିଆସୁଅଛି। ଆହୁରି ମଧ୍ୟ ଅଂଶୀଦାରମାନଙ୍କ ସହିତ ମୋର ଉକ୍ତ ବୃତ୍ତି ପକ୍ଷେ କୌଣସି ସମୟେ ଭାଗ ବା ଅଂଶ ବଣ୍ଟନ ହୋଇନାହିଁ । ଏଣୁ ସର୍ବସାଧାରଣରେ ଏହା ଘୋଷଣା କରୁଛି କି ଉକ୍ତ ବିବାଦୀୟ ବୃତ୍ତିକୁ ମୋର ବିନା ମଞ୍ଜୁରରେ କୌଣସି ବ୍ୟକ୍ତି ବିଶେଷ, ସଂସ୍ଥା ବା ଅନୁଷ୍ଠାନ ଯଦି ଭବିଷ୍ୟତରେ ଖର୍ଦ୍ଦି/ବିକ୍ରି କରନ୍ତି ସେଥିପାଇଁ ସେମାନେ ସଂପୂର୍ଣ୍ଣ ଦାୟୀ ରହିବେ।

**ତଫସିଲ ବୃତ୍ତି-** କେନ୍ଦୁଝର ଜିଲ୍ଲା, ଘସିପୁରା ତହସିଲ, ସାଇଁକୁଳ ସବରେଜିଷ୍ଟର, ଜଅଁରା ମୌଜା, ଖାତାନଂ-୧୧୫, ପ୍ଲଟ୍ ନଂ-୩୮୬, ଏ୯-୦୨, କିସମ- ଶାରଦ-୩, ଖାତାନଂ-୩୨,ପ୍ଲଟ୍ ନଂ-୧୮୪, ଏ୦-୦୮, କିସମ-ଶାରଦ୨, ପ୍ଲଟ୍ ନଂ-୨୬, ପ୍ଲଟ୍ ନଂ-୪, ଏ୦-୪୨, କିସମ-- ଶାରଦ ୨, ଖାତା ନଂ-୨୬, ପ୍ଲଟ୍ ନଂ-୧୧୧, ଏ୦.୭୩, କିସମ-ଶାରଦ ୩, ପ୍ଲଟ୍ ନଂ-୧୨୫, ଏ୦.୧୩, କିସମ- ଶାରଦ୨, ପ୍ଲଟ୍ ନଂ-୧୨୭, ଏ୦.୧୭, କିସମ-ଶାରଦ-୨, ପ୍ଲଟ୍ ନଂ-୧୨୮, ଏ୦.୪୯, କିସମ-ଶାରଦ୨, ପ୍ଲଟ୍ ନଂ-୧୫୮, ଏ୦.୧୯, ଶାରଦ-୨, ମୌଜା-ସୁଡୁସୁଡିଆ, ଖାତା ନଂ-୯୬, ପ୍ଲଟ୍ ନଂ-୫୦, ଏ୧.୧୭, କିସମ- ଶାରଦ ୨

# ଓମାନ୍‌ରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର, ୧।୮(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ବାଇଗଣବାଡିଆ ପଞ୍ଚାୟତ କାଳିକାପୁର ଗାଁର ଧନଞ୍ଜୟ ବେହେରା ୨୦୧୬ରୁ ଓମାନ୍‌ର ମସ୍କଟ ସହରରେ ଥିବା ରେନାଇସେନ୍ସ୍ କମ୍ପାନୀରେ କାର୍ଯ୍ୟ କରିଆସୁଥିଲେ । କିନ୍ତୁ କମ୍ପାନୀର ଦାୟିତ୍ୱହୀନତା ଯୋଗୁ କରୋନାରେ ଗତ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି।

ଗାଁରେ ତାଙ୍କର ବାପା ଅନନ୍ତ, ମା, ସ୍ତ୍ରୀ ସ୍ରୋତସ୍ୱିନୀ, ୧୦ବର୍ଷର ଝିଅ ଓ ୪ବର୍ଷର ପୁଅ ଅଛନ୍ତି । ଗତ ଜୁନ୍ ୪ତାରିଖରେ ଧନଞ୍ଜୟଙ୍କ ସେଠାରେ ସ୍ୱାବ ଟେଷ୍ଟ ହୋଇଥିଲା । ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ଦୀର୍ଘ ୧ମାସ ପରେ ଜୁଲାଇ ୪ ତାରିଖରେ ସେ କରୋନା ପଜିଟିଭ୍ ହୋଇଥିବା ସୂଚନା ଦେବା ସହ ଚିକିତ୍ସା ବ୍ୟବସ୍ଥା କରାଇଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ଗତ ୩୧ତାରିଖରେ ଧନଞ୍ଜୟ ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ସ୍ରୋତସ୍ୱିନୀ କହିଛନ୍ତି । ସତର୍କତାର ତାଙ୍କ ମୃତଦେହକୁ ଗାଁ ମାଟିକୁ ପଠାଇବା ଲାଗି ଗ୍ରାମବାସୀ ଓ ପରିବାରବର୍ଗ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଜିଲା ପ୍ରଶାସନ, ରାଜ୍ୟ ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଭାଷା ଓ ସାହିତ୍ୟ ବିଭାଗର ଜାତୀୟ ୱେବିନାର

ବାଲେଶ୍ୱର ଅଫିସ,୧।୮




ଜାତୀୟ ୱେବିନାରରେ କୁଳପତି ପ୍ରଫେସର ମଧୁମିତା ଦାସ ଓ ଅନ୍ୟମାନେ ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ତରଫରୁ ବନ୍ଦେ ଉତ୍କଳ ଜନନୀ, ବୁଢ଼ା ଶଙ୍ଖାରୀ, କଣାମାମୁଁ ପରି ସାରସ୍ୱତ କୃତିର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୀବନ ଓ କୃତିତ୍ୱକୁ ନେଇ ଏକ ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମଧୁମିତା ଦାସ ଓ କୁଳସଚିବ ବ୍ରହ୍ମାନନ୍ଦ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି ୱେବିନାରର ଉଦ୍‌ଘାଟନ କରି କାନ୍ତକବିଙ୍କ ସମ୍ପର୍କରେ ନୂତନ ତଥ୍ୟ ପ୍ରଦାନ ସହ ତାଙ୍କ ସାହିତ୍ୟ ବିଷୟରେ ଆଲୋଚନା କରିଥିଲେ।

ମୁଖ୍ୟଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଆଦିକନ୍ଦ ସାହୁ ଏବଂ ଶାନ୍ତି ନିକେତନ ବିଶ୍ୱଭାରତୀର ପ୍ରଫେସର ସବିତା ପ୍ରଧାନ ଯୋଗଦେଇ କାନ୍ତକବିଙ୍କ ସାମଗ୍ରିକ କୃତି ଓ ସାହିତ୍ୟ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ସମ୍ମାନନୀୟ ଅତିଥି ଭାବରେ କାନ୍ତକବିଙ୍କ ପୌତ୍ର ଗୁରୁକଲ୍ୟାଣ ମହାପାତ୍ର କାନ୍ତକବିଙ୍କ ଜୀବନର ଅନେକ ଅନାଲୋଚିତ ଅଧ୍ୟାୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଅତିଥିମାନଙ୍କର ପରିଚୟ ପ୍ରଦାନ ସହିତ ସଭା ପରିଚାଳନା କରିଥିଲେ। ସହଯୋଗୀ ପ୍ରଫେସର ଦେବାଶିଷ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇଥିଲେ। ବୈଷୟିକ ଯୋଗାଯୋଗ ପଦ୍ଧତିରେ ଆୟୋଜିତ ଏହି ୱେବିନାରରେ ଶତାଧିକ ଛାତ୍ରୀଛାତ୍ର, ଗବେଷକ ଅନ୍‌ଲାଇନ୍ ମାଧମରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ମହିଳା କନଷ୍ଟେବଳଙ୍କୁ ଦୁର୍ବ୍ୟବହାର: ଯୁବକ ଗିରଫ

ବାରିପଦା ଅଫିସ ୧।୮ -ମହିଳା କନେଷ୍ଟବଳଙ୍କୁ ଅଶ୍ଳୀଳ ଫଟୋ ଓ ବାର୍ତ୍ତା ଦେବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା ବାଙ୍କୀ ଅଞ୍ଚଳର ଯଜ୍ଞ ଦତ୍ତ। ସେ ଅନୁଗୋଳ ଜିଲାରେ କାର୍ଯ୍ୟ କରୁଥିଲେ। ବାରିପଦାସ୍ଥିତ ରିଜର୍ଭ ପୋଲିସ ବ୍ୟାରେକରେ ରହୁଥିବା ଜଣେ ଅବିବାହିତ କନଷ୍ଟେବଳଙ୍କ ମୋବାଇଲ ଫୋନ୍‌କୁ ଲଗାତାର କିଛି ଦିନ ହେଲାଣି କେହି ଜଣେ ଅଶ୍ଳୀଳ ବାର୍ତ୍ତା ପଠାଉଥିଲେ। ଏ ନେଇ ସେ ଜୁଲାଇ ୫ ତାରିଖରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୪୨୭/୨୦)ରୁଜୁ କରି ଯଜ୍ଞଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

### ସାପ୍ତାହିକ ଶଟ୍‌ଡାଉନ୍‌କୁ ନେଇ ଅସନ୍ତୋଷ

କେନ୍ଦୁଝର ୧।୮ (ସ୍ୱ.ପ୍ର.)- ଅଗଷ୍ଟ ମାସରେ ସାପ୍ତାହିକ ଶଟ୍‌ଡାଉନ ପ୍ରତ୍ୟାହାର ହେବା। ଏନେଇ ରାଜ୍ୟ ସରକାର ୪ ଟି ଜିଲା ଓ ଗୋଟିଏ ସହରରେ ଶଟ୍ ଡାଉନ ଲାଗୁ ପାଇଁ ଘୋଷଣା କଲେ। ସେଥିରେ କେନ୍ଦୁଝର ଜିଲାର ନାମ ନ ଥିଲା । ଏଣୁ ଲୋକ ମାନେ ଭାବିଥିଲେ କେନ୍ଦୁଝରରେ ସାପ୍ତାହିକ ଶଟ୍ ଡାଉନ ହେବ ନାହିଁ। ଏନେଇ ଜିଲା ପ୍ରଶାସନ ମଧ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଘୋଷଣା କଲେ ନାହିଁ। କିନ୍ତୁ ରାତିରେ ଜିଲା ପ୍ରଶାସନ ପକ୍ଷରୁ ସାପ୍ତାହିକ ଶଟ୍ ଡାଉନ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଜାରି ରହିବ ବୋଲି ଟ୍ୱିଟ କରି ଜଣାଇଲେ । ରାତିରେ ହୋଇଥିବା କାରଣରୁ ବହୁ ଲୋକ ଜାଣି ପାରିଲେ ନାହିଁ। ଏଣୁ ଶନିବାର ବହୁ ଚାଷୀ, ବେପାରୀ, ଦୋକାନୀ ସେମାନଙ୍କ ଦୋକାନ ଖୋଲିବାକୁ ବାହାରି ହାନସ୍ତା ହେଲେ । ଏଣୁ ଏଭଳି ସମସ୍ୟା ପାଇଁ ସେମାନେ ଜିଲା ପ୍ରଶାସନକୁ ପଚାରିବା ବା ବୁଝିବା ପାଇଁ ସାହସ କରିପାରୁ ନାହାନ୍ତି ବୋଲି ଚାଷୀ ମାନେ ମତବ୍ୟକ୍ତ କରିଛନ୍ତି ।

### ୧୫ଫୁଟ ତଳୁ ଛେଳି ଛୁଆ ଜୀବିତ ଅବସ୍ଥାରେ ଉଦ୍ଧାର

ପାଟଣା, ୧।୮(ସ୍ୱ.ପ୍ର.)- ଛେଳି ଛୁଆଟିଏ ଏକ ପରିତ୍ୟକ୍ତ ବୋରୱେଲ ମଧରେ ଗଳି ପଡିଥିଲା। ତେବେ ଅଗ୍ନିଶମ ବାହିନୀ ଜେସିବି ମେଶିନ ଦ୍ୱାରା ଗାତ ଖୋଳି ବୋରୱେଲର ୧୫ଫୁଟ ଗଭୀରରୁ ଏହି ଛେଳିଛୁଆକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ସାହରପଡା ବ୍ଲକ ଭଗାବନ୍ଧ ଗ୍ରାମର ଦିଲ୍ଲୀପ ସେଠୀ ଗାଁ ପଡିଆରେ ଗୋଟିଏ ବୋରୱେଲ ଖୋଳାଇଥିଲେ। ଗୋଟିଏ ଛେଳି ଛୁଆ ଶୁକ୍ରବାର ଏହି ବୋରୱେଲ ଭିତରେ ଗଳି ପଡିଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଛେଳିଛୁଆକୁ ଅକ୍ଷତ ଭାବେ ଉଦ୍ଧାର କରିଥିଲେ।

### ପ୍ରେମ ବିବାହ ପରେ ଥାନା ଦ୍ୱାରସ୍ଥ ହେଲେ ନବ ଦମ୍ପତି

ସୋର, ୧।୮(ଡି.ଏନ୍.ଏ.)-ପ୍ରେମ କରି ବିବାହ ପାଇଁ ଜାତି ସାଜିଥିଲା ବାଧକ। ଉଚ୍ଚ ଜାତିର ଝିଅଘର ଲୋକେ ରାଜି ହେଲେନି। ଶେଷରେ ଘରୁ ପଳାଇ ଯାଇ ମନ୍ଦିରରେ ବିବାହ କରିବା ପରେ ଭୟଭୀତ ହୋଇ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୋଲିସଠାରୁ ଆଶ୍ୱସନା ପାଇବା ପରେ ସେମାନେ ଘରକୁ ଫେରିଛନ୍ତି। ଏମିତି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ। ଏହି ଗ୍ରାମର ସୁବ୍ରତ ମହାପାତ୍ର ଗୁଜରାଟରେ ଏକ କମ୍ପାନୀରେ କାର୍ଯରତ ଥିବା ବେଳେ ମୁଳିସିଂ ନିକଟସ୍ଥ ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଛାତ୍ରୀଜଣକ ଉଚ୍ଚ ଜାତିର ହୋଇଥିବା ବେଳେ ଏହି ସମ୍ପର୍କକୁ ତାଙ୍କ ପରିବାର ପକ୍ଷରୁ ବିରୋଧ କରାଯାଇଥିଲା। ଶେଷରେ ସେମାନେ ବାହାନଗା ଅଞ୍ଚଳର ଏକ ମନ୍ଦିରରେ ବିବାହ କରିଥିଲେ। ସୁବ୍ରତର ବାପା ଶରତଚନ୍ଦ୍ର ପୁଅବୋହୂଙ୍କ ସୁରକ୍ଷା ପାଇଁ ସୋର ଥାନାରେ ଲିଖିତ ଭାବେ ଜଣାଇବା ପରେ ଥାନା ଅଧିକାରିଣୀ ମଧୁମିତା ମହାନ୍ତି ନବ ଦମ୍ପତିଙ୍କ ଉପସ୍ଥିତିରେ ଝିଅ ଘର ଲୋକଙ୍କୁ ଡକାଇ ଘଟଣାର ସମାଧାନ କରାଇଥିବା ଜଣାପଡିଛି।

### ସୋରରେ ଇଦ୍-ଉଜ୍-ଜୁହା

ସୋର, ୧।୮(ଡି.ଏନ.ଏ.)-ସୋରରେ ପବିତ୍ର ଇଦ୍-ଉଜ୍-ଜୁହା କରୋନା କଟକଣାର ନିୟମକୁ ମାନି ବିଭିନ୍ନ ମସ୍‌ଜିଦ୍ ଏବଂ ଇଦ୍‌ଘା ପଡ଼ିଆରେ ପାଳିତ ହୋଇଯାଇଛି। ସୋରର ବିଭିନ୍ନ ବସ୍ତିର ମୌଲବୀ ଏବଂ ସର୍ଦ୍ଧାରମାନେ ନମାଜପାଠ କରିଥିଲେ।

# ନାମକୁ ମାତ୍ର ବାୟୋମେଡ଼ିକାଲ ୱେଷ୍ଟେଜ୍ ପ୍ରକଳ୍ପ

ବାଲେଶ୍ୱର ଅଫିସ, ୧।୮



ବାୟୋ ହାଜାର୍ଡ଼ ୱେଷ୍ଟେଜ୍ ଗାଡ଼ିରୁ ପରିତ୍ୟକ୍ତ ସାମଗ୍ରୀଗୁଡ଼ିକୁ ବାହାର କରାଯାଉଛି।

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାୟୋମେଡ଼ିକାଲ ହାଜାର୍ଡ଼ ୱେଷ୍ଟେଜ୍ ପ୍ରକଳ୍ପ ଦ୍ୱାରା ସଂକ୍ରମଣ ରୋକିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚିକିତ୍ସା ବେଳେ ରୋଗୀ ତଥା ଡାକ୍ତରଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ ଯାହାକି, ମାଟିରେ ମିଶିବ ନାହିଁ, ସେଥିରୁ ଅଧିକ ସଂକ୍ରମିତ ହେବାର ଆଶଙ୍କା ରହିଛି, ତାହାକୁ ପୋଡ଼ିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ହେଲେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବାୟୋ ହାଜାର୍ଡ଼ ୱେଷ୍ଟେଜ୍‌ର ସ୍ୱତନ୍ତ୍ର ପ୍ରକଳ୍ପ କରାଯାଇ କାର୍ଯ୍ୟ କରିବା ଲାଗି ଏକ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଦିଆଯାଇଛି। ଏଥିପାଇଁ ମାସିକ ଅଢ଼େଇ ଲକ୍ଷ ଏବଂ ବାର୍ଷିକ ୨୦ରୁ ୨୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଧ ପ୍ରଦାନ କରାଯାଉଛି। ଉକ୍ତ ବର୍ଜ୍ୟବସ୍ତୁକୁ ବାୟୋ ହାଜାର୍ଡ଼ର ସ୍ୱତନ୍ତ୍ର ଗାଡ଼ି ଦ୍ୱାରା ନିଆଯାଇ ସହରର ଅଳ୍ପ ଦୂରରେ ଥିବା କସମିଳାସ୍ଥିତ ବୁଢ଼ାବଳଙ୍ଗ ନଦୀପାର୍ଶ୍ୱରେ ଗଦା କରାଯାଉଛି। ଫଳରେ ବାୟୁ ଏବଂ ଜଳଜନିତ ରୋଗ ବ୍ୟାପିବାର ଆଶଙ୍କା ରହିଥିବା ଲୋକେ ଅଭିଯୋଗ କରିଛନ୍ତି।

ବାଲେଶ୍ୱର ଜିଲାର ବାଲିଆପାଳ, ଭୋଗରାଇ, ଜଳେଶ୍ୱର ଜନବସତି ଅଞ୍ଚଳରୁ ଉକ୍ତ ରାସ୍ତା ଦେଇ ଲୋକେ ସହରକୁ ଆସିଥାନ୍ତି। ହସ୍‌ପିଟାଲରୁ ବାହାରୁଥିବା ସଂକ୍ରମିତ ପଦାର୍ଥଗୁଡ଼ିକୁ ନଦୀ ଆଡ଼ିରେ ପକାଇବା କାରଣରୁ ହଜାର ହଜାର ଲୋକ ସଂକ୍ରମିତ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ବର୍ଷାଦିନେ ପରିତ୍ୟକ୍ତ ସାମଗ୍ରୀରୁ ପାଣି ବାହାରି ପ୍ରଥମେ

### ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା, ନଦୀବନ୍ଧରେ ପଡୁଛି ଅଳିଆ

ବୁଢ଼ାବଳଙ୍ଗ ନଦୀ ଦେଇ ସମୁଦ୍ରରେ ମିଶୁଛି। ବାୟୁ ଓ ଜଳ ଦୂଷିତ ହେବା ସହ ସାମୁଦ୍ରିକ ଜୀବଜନ୍ତୁ ମଧ ପ୍ରଭାବିତ ହେଉଛନ୍ତି। ସମ୍ପ୍ରତି କରୋନା ମହାମାରୀ ସମୟରେ ଏହାକୁ ନଜର ଦିଆ ନ ଯିବା ପରିତାପର ବିଷୟ।

ଏ ସମ୍ପର୍କରେ ଆଇନଜୀବୀ ମନୋଜ ନାୟକ କୁହନ୍ତି, କରୋନା ସମୟରେ ଜିଲା ପ୍ରଶାସନ ଅନ୍ଧ ସାଜିଛି। ଏଭଳି ବର୍ଜ୍ୟବସ୍ତୁ ଯାହାକୁ ଛୁଇଁବା ମନା, ସେଗୁଡ଼ିକୁ ନଦୀ ଆଡ଼ିରେ ଖୋଲାରେ ପକାଇବା ଜାଣି ଜାଣି ଲୋକଙ୍କୁ ମରଣମୁହଁକୁ ଠେଲାଦେବା ସହିତ ସମାନ। ଜିଲାପ୍ରଶାସନ କରୋନା ସଂକ୍ରମଣକୁ ରୋକିବା ପରିବର୍ତ୍ତେ ନିଜେ ସୁରକ୍ଷିତ ରହିବା ଭଳି କାର୍ଯ୍ୟ କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ କୁହନ୍ତି, ଏ ସମ୍ପର୍କରେ ସେ ଅବଗତ ନାହାନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

# ପ୍ରତିଶ୍ରୁତି ପରେ ବି ନ୍ୟାୟରୁ ବଞ୍ଚିତ ବୃଦ୍ଧ ଦମ୍ପତି

ବାହାନଗା, ୧।୮(ଡି.ଏନ.ଏ.)

ବାରମ୍ବାର ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇବା ପରେ ମଧ ଏକ ବୃଦ୍ଧ ଦମ୍ପତି ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଆସନ୍ତା ୬ ତାରିଖରେ ସେମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ପାଇଁ ଧମକ ଦେଇଛନ୍ତି। ଏନେଇ ଏକ ଦାବିପତ୍ର ବାଲେଶ୍ୱର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଆରକ୍ଷୀ ଅଧୀକ୍ଷକ, ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରଦାନ କରିଛନ୍ତି।

ଏହି ବୃଦ୍ଧ ଦମ୍ପତି ହେଲେ ବାଲେଶ୍ୱର ଜିଲା ବାହାନଗା ବ୍ଲକର ଆରୁହାବାଡ ଗ୍ରାମର। ବାଉଳି ମୁଦୁଲି ଓ ତାଙ୍କ ପତ୍ନୀ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଏନେଇ ବୃଦ୍ଧ ବାଉଳି ମୁଦୁଲି ଗୋପାଳପୁର ଫାଣ୍ଡି, ଖନ୍ତାପଡା ଥାନା, ବାଲେଶ୍ୱର ଜିଲା ଆରକ୍ଷୀ ଅଧୀକ୍ଷକ, ଜିଲାପାଳ ଓ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ବହୁ ଦୌଡ଼

### ୬ରେ ଆମରଣ ଅନଶନ ଚେତାବନୀ

ଦୌଡିପରେ ବୃଦ୍ଧ ଦମ୍ପତି ବାଲେଶ୍ୱର ଉପଜିଲାପାଳଙ୍କ କୋର୍ଟରେ ଏକ ମିସ୍ କେସ ମାମଲା (ନଂ.୧୫/୨୦୧୯) ରୁଜୁ ହେବା ସହ ଶୁଣାଣି ମଧ ହୋଇଥିଲା। ଏଥିରେ କୋର୍ଟ ପୁଅମାନଙ୍କୁ ମା' ବାପା ଚଳିବା ପାଇଁ ୧ହଜାର ଟଙ୍କା ଲେଖାଏଁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶର ୧୦ମାସ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଟଙ୍କାଟେ ମିଳୁନାହିଁ। ଫଳରେ ଲକ୍‌ଡାଉନ୍‌ରେ ବୃଦ୍ଧ ଦମ୍ପତି ଭୋକ ଉପାସରେ ରହୁଥିବା ବେଳେ ପଡୋଶୀମାନେ ଯାହା ଦିଅନ୍ତି ସେମାନେ ଖାଉଛନ୍ତି । ବାରମ୍ବାର ବୃଦ୍ଧ ଜଣକ ମାଗିଯାଚି ଖାଇବା ପରେ ସାହି ପଡୋଶୀଙ୍କୁ ଧରି ନ୍ୟାୟ ପାଇଁ ବାଲେଶ୍ୱର ଉପଜିଲାପାଳଙ୍କ ନିକଟକୁ ଯାଇ ମିଥ୍ୟା ପ୍ରତିଶ୍ରୁତି ପାଇ ଫେରିଆସନ୍ତି। ଶେଷରେ ଆମରଣ ଅନଶନ ପାଇଁ ଚେତାବନୀ ଦେଇଛନ୍ତି।

# ଆଦିବାସୀ ମଜୁରିଆଙ୍କୁ ମିଳୁନି ପାରିଶ୍ରମିକ

କେନ୍ଦୁଝର, ୧।୮(ସ୍ୱ.ପ୍ର.)



କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀ।

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ କାଳିମାଟି ଗ୍ରାମର ୨୦ ଜଣ ଆଦିବାସୀ ଦେଓବନ୍ଧ ସେକ୍‌ସନରେ ଜାନୁୟାରୀ ମାସରେ ଗାତ ଖୋଳା କାମ କରିଥିଲେ। କିନ୍ତୁ ଇତି ମଧରେ ୬ ମାସ ବିତିଯାଇଥିଲେ ହେଁ ସେମାନଙ୍କ ମଜୁରୀ ମିଳି ନ ଥିବାରୁ ଶୁକ୍ରବାର କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। ଜଣକା ୨୦୦ ରୁ ଊର୍ଦ୍ଧ୍ୱ ଗାତ ଖୋଳିଛନ୍ତି। କିନ୍ତୁ ବକେୟା ପଇସା ନ ମିଳିବାରୁ ଗରୀବ ଦିନ ମଜୁରିଆ ମାନେ ଚିନ୍ତାରେ ରହିଛନ୍ତି। କରୋନା ସମୟରେ କାମଧନ୍ଦା ମିଳି ନ ଥିବାରୁ ଏହି ପାରିଶ୍ରମିକ ବାବଦକୁ ଟଙ୍କା ମିଳିଲେ ସେମାନେ ଚଳିଯାଆନ୍ତେ ବୋଲି କହିଛନ୍ତି। ଏଣୁ ନ୍ୟାୟ ପାଇଁ ସେମାନେ ବାଧ୍ୟ ହୋଇ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିବା କହିଛନ୍ତି।

# ମଦ ବେପାରୀଙ୍କୁ ଘେରିଲେ ମହିଳା ମଦ ଜବତ କରି ଜିମା ଦେଲେ

ବାଲିଆପାଳ, ୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ କେନ୍ଦୁଆଡିଆ ଗ୍ରାମରେ ବେଆଇନ ଭାବରେ ଦେଶୀ ମହୁଲି ମଦ ସହିତ ବିଦେଶୀ ମଦ ବିକ୍ରି ଚାଲିଛି । ଏଥିରେ ଗ୍ରାମର ମହିଳା ସ୍ୱୟଂସହାୟିକ ଗୋଷ୍ଠୀର ସଦସ୍ୟାମାନେ ଉତ୍ତ୍ୟକ୍ତ ହୋଇ ଜୟନ୍ତୀ ମହୁରୀଙ୍କ ନେତୃତ୍ୱରେ ଶନିବାର ମଦ ଆଡ୍ଡା ଉପରେ ଚଡାଉ କରିଥିଲେ । ପାଖାପାଖି ୧୦୦ଲିଟର ଦେଶୀ ମହୁଲି ମଦ ସହିତ ପାଉଚ ଏବଂ ବିଦେଶୀ ମଦ ଜବତ କରାଯାଇଥିଲା। ଅବକାରୀ ବିଭାଗକୁ ସୂଚନା ଦିଆଯାଇଥିଲେ ବି ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି କର୍ମଚାରୀ ପହଞ୍ଚି ନ ଥିଲେ । ପରେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦାପ୍ରସନ୍ନ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ମଦ ବେପାରୀ ଫେରାର ହୋଇଯାଇଥିଲେ।

# ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ, ୧।୮(ଡି.ଏନ.ଏ.)

ରାଜ୍ୟ ସାହିତ୍ୟ ଏକାଡେମୀର ସଦସ୍ୟ ଭାବେ କାଳିପଦ ପଣ୍ଡା ମନୋନୀତ ହେବା ପରେ ଗୁରୁବାର ବାଲିଆପାଳଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବାଲିଆପାଳ ଏସ୍‌କେଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାର ପରିସରରେ ସରକାରଙ୍କ କୋଭିଡ-୧୯ ନିୟମକୁ ମାନି ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପାଠାଗାର ସଭାପତି ଅଧାପକ ସୁକାନ୍ତ ଗିରି ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କଥାକାର କୁମାର ଚକ୍ରବର୍ତ୍ତୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ସୁକନ୍ୟା ସଭାପତି ସ୍ନେହଲତା ନାୟକ, କବି ଭାରତୀ ସରିତା ମହାନ୍ତି, କବି ତଥା ଶିକ୍ଷକ ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ଅଧାପିକା ଡ. କୃଷ୍ଣାକୁମାରୀ ନାୟକ, କବୟିତ୍ରୀ ସୁଜାତା ରଣା, କବୟିତ୍ରୀ ଅଞ୍ଜଳି ଶତପଥୀ, କବି ବିଜୟ ପାତ୍ର, ସୁରେନ୍ଦ୍ର ପରିଡା, ସାଗର ପଟ୍ଟନାୟକ ଓ ଶ୍ରୀହରି ମଣ୍ଡଳ ପ୍ରମୁଖ ଯୋଗଦେଇ ଶ୍ରୀ କାଳିପଦ ପଣ୍ଡାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ।


ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ବନବିଭାଗର ଚଢ଼ାଉ, କାଠ ଜବତ

ବଡ଼ବିଲ, ୧।୮(ସ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ପିଏଚଡିସ୍ଥିତ କାଳନ୍ଦୀସାହିରେ ଶନିବାର ମଧାହ୍ନରେ ବନ ବିଭାଗ ଚଢ଼ାଉ କରି ଶାଳ ଓ ପିଆଶାଳ କାଠ ଜବତ କରିଛି। ବଡ଼ବିଲ ପିଏଚ କାଳନ୍ଦୀ ସାହିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ଚୋରା କାଠ ଥିବା ବନବିଭାଗ ଜାଣିବାକୁ ପାଇଥିଲା। ଶନିବାର ମଧାହ୍ନରେ ଅଞ୍ଚଳ ଅଧିକାରୀ ମଧୁସୂଦନ ପାତ୍ର ଏବଂ ଫରେଷ୍ଟର ଦଶରଥ ଗିରି ସଦଳବଳେ ଚୋରକାଠ ଗଚ୍ଛିତ ଥିବା ଘର ଉପରେ ଚଢ଼ାଉ କରିଥିଲେ। ବନ ବିଭାଗ ଉକ୍ତ ଘରୁ ମୋଟ ୩୭ଖଣ୍ଡ ସାଇଜ ଶାଳ କାଠ ଓ ୩ ଖଣ୍ଡ ପିଆଶାଳ କାଠ ପଟା ଜବତ କରିଥିଲା। ତେବେ ବନ ବିଭାଗ କର୍ମଚାରୀ ଆସିବା ଜାଣିପାରି ଅଭିଯୁକ୍ତ ଫେରାର ହୋଇଯାଇଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି। ବନ ବିଭାଗ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

# ମାସସାରା ସପ୍ତାହାନ୍ତ ଶଟ୍‌ଡାଉନ

ଭଦ୍ରକ ଅଫିସ, ୧।୮

ଅଗଷ୍ଟ ମାସର ସବୁ ଶନିବାର ଓ ରବିବାର ଶଟ୍‌ଡାଉନ ରହିବ। ଭଦ୍ରକ ଜିଲାର ବିଭିନ୍ନ କୋଣାନୁକୋଣରେ ଏହି ନିୟମ ବଳବତ୍ତର ରହିବ ବୋଲି ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ନିର୍ଦ୍ଦେଶାନାମା ଜାରି କରିଛନ୍ତି। ପୂର୍ବଭଳି ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିବ ବୋଲି କୁହାଯାଇଛି। ଜିଲାରେ ସ୍ଥାନୀୟ ସଂକ୍ରମଣ ସଂଖ୍ୟା ପର୍ଯ୍ୟାୟକ୍ରମେ ବଢୁଥିବାରୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

# ୭ରେ ଉପଖଣ୍ଡ ଡାକ୍ତରଖାନା ଆଗରେ ଧାରଣା ଚେତାବନୀ

ସଜନାଗଡ଼, ୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ସମସ୍ୟାକୁ ନେଇ ନୀଳଗିରି ସିପିଏମ୍ ଶାଖା ପକ୍ଷରୁ ଆସନ୍ତା ଅଗଷ୍ଟ ୭ ତାରିଖରେ ଡାକ୍ତରଖାନା ସମ୍ମୁଖରେ ଗଣଧାରଣାରେ ଦିଆଯିବ ବୋଲି ବାଲେଶ୍ୱର ଜିଲା ସମ୍ପାଦକ ମଣ୍ଡଳୀର ସଭ୍ୟ ବିଜୟ କୁମାର ପାତ୍ର ସୂଚନା ଦେଇଛନ୍ତି। ନୀଳଗିରି ମେଡ଼ିକାଲରେ ସମସ୍ତ ଡାକ୍ତର ପଦବୀ ପୂରଣ କରାଯିବା ସହିତ ଉପଖଣ୍ଡରେ ଥିବା ସମସ୍ତ ପିଏଚ୍‌ସି ଓ ସିଏଚ୍‌ସିରେ ସମସ୍ତ ଡାକ୍ତରୀ ପଦବୀ ପୂରଣ କରାଯିବା, ନୀଳଗିରି ମେଡ଼ିକାଲରୁ ଡେପୁଟେଶନ୍‌ରେ ନିଆଯାଇଥିବା ସମସ୍ତ ଡାକ୍ତର ଓ ନର୍ସଙ୍କୁ ଫେରାଇ ଅଣାଯିବା, ନୀଳଗିରି ମେଡ଼ିକାଲରେ ଆନାସ୍ଥେସିଆ ଡାକ୍ତର, ଭେଷଜ, ଆଖି ଡାକ୍ତରଙ୍କୁ ତୁରନ୍ତ ନିଯୁକ୍ତି, ଦାନ୍ତ ଚିକିତ୍ସା ପାଇଁ ଆସିଥିବା ସମସ୍ତ ସରଞ୍ଜାମକୁ କାର୍ଯ୍ୟକ୍ଷମ କରାଯିବା, କରୋନା ସମୟରେ ରୋଗୀମାନଙ୍କୁ ସଠିକ୍ ଚିକିତ୍ସା କରାଯିବା ଆଦି ବିଭିନ୍ନ ସମସ୍ୟାକୁ ନେଇ ଗଣଧାରଣା ଦିଆଯିବ ବୋଲି ପାତ୍ର ପ୍ରକାଶ କରିଛନ୍ତି।

# ହତ୍ୟା ମାମଲା ରୁଜୁ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ବାହାନଗା, ୧।୮(ଡି.ଏନ.ଏ.)

### ଶ୍ୱଶୁରଘରେ ଜ୍ୱାଇଁଙ୍କ ମୃତ୍ୟୁ ଘଟଣା

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡା ଥାନା ତାଳପଦା ଗ୍ରାମସ୍ଥିତ ଶ୍ୱଶୁର ଘରେ ଜ୍ୱାଇଁ ମୃତ୍ୟୁବରଣ କରିବା ଘଟଣାରେ ପୋଲିସ୍ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖିଛି । ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ଜ୍ୱାଇଁଙ୍କ ବାପା ଖନ୍ତାପଡା ଥାନାରେ ହତ୍ୟା ଅଭିଯୋଗ କରିବା ପରେ ଏକ ହତ୍ୟା ମାମଲା (ନଂ.୨୫୬/୨୦) ରୁଜୁ କରାଯାଇଛି। ଶନିବାର ବାଲେଶ୍ୱର ଜିଲା ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯାଇଛି। ବରିପଦା ପଞ୍ଚାୟତ ଅଟାସପୁର ଗ୍ରାମର ଉମାକାନ୍ତ ଦାସଙ୍କ ପୁଅ ମାନସ ଦାସ (୨୫) ନିଜ ସ୍ତ୍ରୀ ପିଲାଙ୍କୁ ଧରି ମାସେ ତଳେ ତାଳପଦାସ୍ଥିତ ଶ୍ୱଶୁର ଘରେ ରହୁଥିଲେ। ଶୁକ୍ରବାର ରାତିରେ ଜ୍ୱାଇଁ ଶ୍ୱଶୁର ଘରେ ବେକରେ ଦୌଡ଼ି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଥିଲା । ତେବେ ଆତ୍ମହତ୍ୟା କାରଣ ଜଣା ପଡି ନ ଥିବାରୁ ତାଙ୍କ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା।

# ବ୍ୟାଙ୍କ ଯିବାକୁ ଡର, ଏଟିଏମ୍ ଅଚଳ

ଖଇରା, ୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ ବଜାର ତଥା ତତ୍ ସଂଲଗ୍ନ ଗ୍ରାମବାସୀଙ୍କ ଚିନ୍ତା ୧୦ଗୁଣ ବଢିଯାଇଛି। ଏଠାରେ ଥିବା ଏକମାତ୍ର ବ୍ୟାଙ୍କ ଶାଖାରେ ପ୍ରଶସ୍ତ ଜାଗା ଅଭାବରୁ ଗ୍ରାହକମାନେ ବ୍ୟାଙ୍କ ଯିବାକୁ ଭୟ କରୁଛନ୍ତି । ସେପଟେ ବଜାରରେ ଥିବା ୨ ଏଟିଏମ ମଧ ଏବେ ଅଚଳ । ଏଣୁ ଗ୍ରାହକଙ୍କୁ ଅର୍ଥଚିନ୍ତା ଘାରିଥିବା ବେଳେ ଅଧିକାରୀମାନେ ଚୁପ୍ ରହିବା ଗ୍ରାହକମାନଙ୍କ ମନରେ ହତାଶାଭାବ ସୃଷ୍ଟି କରିଛି।

ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ଏଟିଏମଟି ମାର୍ଚ୍ଚ ମାସରୁ ଅକାମୀ ହୋଇ ରହିଥିଲା। ସେପଟେ ଆସୁଥିବା ଗ୍ରାହକମାନେ ବ୍ୟାଙ୍କ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟ ତଥା ଅନ୍ୟତମ ଆକ୍ସିସ ଏଟିଏମରୁ ଟଙ୍କା କାରବାର କରୁଥିଲେ ।

### ଚିନ୍ତାରେ ତୁଡିଗଡିଆବାସୀ

ହେଲେ ୧୫ଦିନ ତଳେ ବ୍ୟାଙ୍କ ଶାଖାର ଜଣେ କର୍ମଚାରୀ ପଡୋଶୀ କରୋନା ସଂକ୍ରମିତ ହେବା ପରେ ବ୍ୟାଙ୍କକୁ ବିଶୋଧନ କରାଯିବା ସତ୍ତ୍ୱେ ଶାଖା କାର୍ଯ୍ୟାଳୟକୁ ଯିବାକୁ ଗ୍ରାହକମାନେ ଭୟ କରୁଛନ୍ତି। ସେପଟେ ଗ୍ରାହକମାନେ ମୁଖ୍ୟତଃ ଏବେ ନିର୍ଭର କରୁଥିବା ଆକ୍ସିସ ଏଟିଏମ୍‌କୁ ବୁଧବାର ଦୁର୍ବୃତ୍ତମାନେ ଭାଙ୍ଗି ଟଙ୍କା ଚେରି କରିନେଇଯିବା ପରେ ଗ୍ରାହକମାନେ ହତୋତ୍ସାହିତ ହୋଇପଡିଛନ୍ତି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ ଅଚଳ ସମ୍ପର୍କରେ ଶାଖା ପରିଚାଳକ ନଗେନ୍ଦ୍ର ନାୟକଙ୍କୁ ପଚାରିବାରେ ସେ ମୁଖ୍ୟ କାର୍ଯ୍ୟାଳୟକୁ ଏ ବିଷୟରେ ଜଣାଇଛନ୍ତି। ସେମାନେ ତାଙ୍କ ସୁବିଧା ଅନୁଯାୟୀ ଲଗାଇବେ ବୋଲି କହିଛନ୍ତି।

# ବାସୁଦେବପୁରରେ ମରୁଡ଼ି ଆଶଙ୍କା

ପଦ୍ମପୁର, ୧।୮(ଡି.ଏନ୍.ଏ.)


ବର୍ଷା ବିନା ହଳ ଜମି ଶୁଖି ଫାଟି ଆଁ କରିଛି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ମରୁଡ଼ି ଆଶଙ୍କା ଦେଖାଦେଇଛି। ଅଞ୍ଚଳରେ ମୌସୁମୀ ନିଷ୍କ୍ରିୟ ହୋଇଯାଇଥିବା ବେଳେ ଧାନ ତଳି ମରିବାକୁ ବସିଲାଣି। ପ୍ରାୟ ଦୁଇସପ୍ତାହ ଧରି ବର୍ଷା ଆଦୌ ହୋଇନାହିଁ କହିଲେ ଚଳେ। ଚାଷୀମାନେ ରୋଇଥିବା କଞ୍ଚା ରୁଆ ହଳଦିଆ ପଡ଼ି ମରିଯିବାକୁ ଲାଗିଲାଣି। ବ୍ଲକରେ ମୋଟ ୩୩,୯୩୫ ହେକ୍ଟର ଚାଷ ଜମି ଥିବା ବେଳେ ୧୭, ୨୮୦ ହେକ୍ଟର ଜମି ଜଳସେଚିତ, ୧୬,୬୫୫ ହେକ୍ଟର ଜମି ଅଣଜଳସେଚିତ ଥିବା ସୂଚନା ମିଳିଛି।

ଚଳିତ ବର୍ଷ ୩୨,୨୩୯ ହେକ୍ଟର ଜମିରେ ଧାନଚାଷ ହେବାର ଲକ୍ଷ୍ୟ କୃଷି ବିଭାଗ ତରଫରୁ ରଖାଯାଇଥିବା ବେଳେ ଏବେ ସୁଦ୍ଧା ମାତ୍ର ୭ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଛି। ବର୍ଷା ନ ହେଲେ ଆଗକୁ ଚାଷ ପୁରା ଉଜୁଡ଼ିଯିବା ସହ ଭୟାବହ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ। ଚଳିତ ବର୍ଷ ମାର୍ଚ୍ଚ ମାସରେ ୭୫ ମିମି, ଏପ୍ରିଲରେ ୨୪୬ ମିମି, ମେ'ରେ ୨୧୪ ମିମି, ଜୁନ୍‌ରେ ୨୭୪ ମିମି ଓ ଜୁଲାଇରେ ୧୨୩ ମିମି ସହ ମୋଟ ୯୩୨ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ୨୦୧୯ ରେ ୧୭୧୪ ମିମି ବର୍ଷା ଜୁଲାଇ ମାସ ସୁଦ୍ଧା ହୋଇଥିବା ବେଳେ ଏଥର ୭୮୧ ମିମି କମ୍ ବର୍ଷା ହୋଇଛି। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଶ୍ରାବଣ ମାସରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲକରେ ଥିବା ଶତାଧିକ ଉଠା ଜଳସେଚନ ପଏଣ୍ଟ ଅକାମୀ ହୋଇ ପଡ଼ି ରହିବା ଫଳରେ ଚାଷ ପାଇଁ ଜଳସେଚନର ସୁବିଧା ହୋଇପାରୁନାହିଁ। ବ୍ଲକରେ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ୭ଟି ପଞ୍ଚାୟତର ୫୫୦୦ ହେକ୍ଟର ଜମିରେ ଜଳସେଚନର ବ୍ୟବସ୍ଥା ଥିବା ବେଳେ ବିଭିନ୍ନ ଅଞ୍ଚଳରେ କେନାଲ ଓ ନାଳ ପୋତି ହୋଇ ଜଳସେଚନରେ ବାଧକ ସୃଷ୍ଟି ହେଉଥିବାର ଚାଷୀମାନେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବ୍ଲକ କୃଷି ସହାୟକ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ ତାଙ୍କର ଅସହାୟତା ପ୍ରକାଶ କରିବା ସହ ଅଳ୍ପଦିନ ଭିତରେ ବର୍ଷା ନ ହେଲେ ପରିସ୍ଥିତି ଭୟାବହ ହେବା ସୁନିଶ୍ଚିତ। ସମ୍ପ୍ରତି କରୋନା ମହାମାରୀ ଲୋକମାନଙ୍କର ଆର୍ଥିକ ଅବସ୍ଥା ବିଗାଡ଼ି ଦେଇଥିବା ବେଳେ ମରୁଡ଼ି ପରିସ୍ଥିତି ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଦେବ ବୋଲି ସେ କହିଛନ୍ତି।

